# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 August– 2026**

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାବେଳେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କୀ ବାତ୍‌ର ୧୩୭ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମୁଖ୍ୟମନ୍ତ୍ରୀ-କ୍ରୀଡ଼ା ଦିବସ

ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଜାତୀୟ କ୍ରୀଡ଼ା ଦିବସ ଅବସରରେ ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୩୧୪ଟି ବ୍ଲକରେ ଅତ୍ୟାଧୁନିକ

ଷ୍ଟାଡିୟମ ଓ କ୍ରୀଡ଼ା ହବ୍ ନିର୍ମାଣ କରାଯାଉଥିବା କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକ, କ୍ରୀଡ଼ା ସାମ୍ବାଦିକ ଓ ସାହସୀ ବ୍ୟକ୍ତିବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି।

**V/O**

# FIC ୟୁନିଟ୍ ପ୍ରତିଷ୍ଠା

ରାଜ୍ୟରେ ଉର୍ବରକ ନବସୃଜନ କେନ୍ଦ୍ର FICରେ ଏକ ୟୁନିଟ୍ ପ୍ରତିଷ୍ଠା ହେବ । ଲୋକସେବା ଭବନରେ ଏହି ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ FIC ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ରାସାୟନିକ ସାରର ବ୍ୟବହାର ହ୍ରାସ, ଜୈବିକ ଓ ନିରନ୍ତର କୃଷିକୁ ପ୍ରୋତ୍ସାହନ, ମୃତ୍ତିକାର ଗୁଣବତ୍ତା ଓ କୃଷି ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଆଲୋଚନା ହୋଇଛି। ଓଡ଼ିଶାରେ FICର ୟୁନିଟ୍ ପ୍ରତିଷ୍ଠା ହେଲେ ଏହା ବିଶ୍ୱର ଦ୍ୱିତୀୟ କେନ୍ଦ୍ର ହେବ। ରାଜ୍ୟରେ ଏକ ଫର୍ଟିଲାଇଜର୍ ଏକାଡେମୀ ପ୍ରତିଷ୍ଠା ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି ।

# ରାଜସ୍ୱ ବୈଠକ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଉପକୂଳ ଅବକ୍ଷୟ ରୋକିବା, ଜଳବାୟୁ ପରିବର୍ତ୍ତନଜନିତ ବିପଦର ମୁକାବିଲା ଏବଂ ଉପକୂଳବାସୀଙ୍କ ଜୀବିକା ସୁରକ୍ଷା ନେଇ ଆଲୋଚନା ହୋଇଛି । ବୈଠକରେ ଏସୀୟ ଉନ୍ନୟନ

ବ୍ୟାଙ୍କ ଓ ଓସଡମାର ମିଳିତ ଉଦ୍ୟମରେ ରାଜ୍ୟର ୫୭୩ କିଲୋମିଟର ସମୁଦ୍ରତଟର ପ୍ରାଥମିକ ଅଧ୍ୟୟନ କରାଯାଇଛି । ଉପକୂଳ ସୁରକ୍ଷା, ପଟୁମାଟି ପରିଚାଳନା, ନୀଳ ଅର୍ଥନୀତି ଓ ଜଳବାୟୁ ସହନଶୀଳ ପର୍ଯ୍ୟଟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

# ମୁଖ୍ୟ ଶାସନ ସଚିବ-ବୈଠକ

ସାମାଜିକ କ୍ଷେତ୍ରରେ ତଥ୍ୟଭିତ୍ତିକ ସମୀକ୍ଷା, ବିଭାଗୀୟ ସମନ୍ୱୟ ଓ ନିରନ୍ତର ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆହ୍ୱାନ ଦେଇଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ 'ପ୍ରୟାସ' ବୈଠକରେ ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମେତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମର ସମୀକ୍ଷା ଅବସରରେ ଶିଶୁ ଓ ମାତୃ ପୋଷଣ, ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ମାତୃ ଓ ନବଜାତ ଶିଶୁ ମୃତ୍ୟୁହାର ହ୍ରାସ ଏବଂ ସଂକ୍ରମଣ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହେଉଥିବା 'ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ'କୁ ସଫଳ କରିବାକୁ ମୁଖ୍ୟ ଶାସନ ସଚିବ ଆହ୍ୱାନ ଦେଇଛନ୍ତି ।

# ମ୍ୟାଲେରିଆ ନିରାକରଣ

ରାଜ୍ୟରେ ମ୍ୟାଲେରିଆ ନିରାକରଣ ଓ ଅନ୍ୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ପାଇଁ ପ୍ରତିରୋଧ, ନିରୀକ୍ଷଣ ଓ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉପରେ ସ୍ୱାସ୍ଥ୍ୟସଚିବ ଅଶ୍ୱତୀ ଏସ୍ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱର ଖାରବେଳ ଭବନରେ ଅନୁଷ୍ଠିତ ବୈଷୟିକ ଟାସ୍କଫୋର୍ସ

ବୈଠକରେ ମ୍ୟାଲେରିଆ ପ୍ରଭାବିତ ମାଲକାନଗିରିର ସମସ୍ତ ବ୍ଲକ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଷୟିକ ଦଳ ଗଠନ କରି ପ୍ରମାଣଭିତ୍ତିକ ମ୍ୟାଲେରିଆ ନିୟନ୍ତ୍ରଣ ଯୋଜନା ପ୍ରସ୍ତୁତ କରିବା ନେଇ ବୈଠକରେ ଆଲୋଚନା ହୋଇଛି ।

## ଦାନ୍ତ ଡାକ୍ତରଙ୍କୁ ପ୍ରୋତ୍ସାହନ

ଦନ୍ତ ଚିକିତ୍ସା ସେବାକୁ ସୁଦୃଢ଼ କରିବା ନିମନ୍ତେ ସରକାର ଦନ୍ତ ଚିକିତ୍ସକଙ୍କ ପାଇଁ ପ୍ରୋତ୍ସାହନ ଘୋଷଣା କରିଛନ୍ତି । ସ୍ନାତକୋତ୍ତର ଯୋଗ୍ୟତା ହାସଲ କରି ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକଙ୍କୁ ମାସିକ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଗତକାଲିଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଛନ୍ତି । ଅର୍ଥ ବିଭାଗର ଅନୁମୋଦନ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି ।

## ଓପିଏସ୍‌ସି ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଜି ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ଅକ୍ଟୋବର ୨୯ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୨ଟି ସିଟିଂରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଅକ୍ଟୋବର ୨୨ ତାରିଖରୁ ୱେବସାଇଟ୍‌ରେ ଆଡ୍‌ମିଟ କାର୍ଡ ଉପଲବ୍ଧ ହେବ । ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ଅତିରିକ୍ତ ୧ ଘଣ୍ଟା ସମୟ ଦିଆଯିବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି । ଗତ ଜୁନ୍ ମାସରେ ହୋଇଥିବା ପ୍ରିଲିମନାରୀ ପରୀକ୍ଷାରେ

୫ହଜାର ୬୯୦ଜଣ ପ୍ରାର୍ଥୀ ମୁଖ୍ୟ ପରୀକ୍ଷା ଦେବାଲାଗି ଯୋଗ୍ୟତା ଅର୍ଜନ କରିଥିଲେ ।

# ବେଳାଭୂମି ଦିବସ

ସମୁଦ୍ର କୂଳର ପ୍ରାଚୁର୍ଯ୍ୟତାକୁ ଉପଭୋଗ କରିବା ଏବଂ ସମୁଦ୍ର କୂଳକୁ ପରିଷ୍କାର ରଖିବା ନେଇ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଜାତୀୟ ବେଳାଭୂମି ଦିବସ ପାଳନ କରାଯାଉଛି । ସମୁଦ୍ରକୂଳକୁ ସଫା ରଖିବା, ସମୁଦ୍ର କୂଳର ସଂରକ୍ଷଣ ଏବଂ ସାମୁଦ୍ରିକ ଜୀବଙ୍କର ସୁରକ୍ଷା ସମ୍ବନ୍ଧରେ କାମ କରୁଥିବା ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ଓ ସଚେତନ ସୃଷ୍ଟି କରିବା ପାଇଁ ୨୦୧୪ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ, ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ମୟୂରଭଞ୍ଜ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି ।

ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଆସନ୍ତାକାଲି ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ବନ୍ଦରରେ ୩ ନମ୍ବର ବିପଦସଙ୍କେତ ଦିଆଯାଇଛି।